# Akashvani, Sambalpur

## SAMBALPURI NEWS BULLETIN

### 14 September 2025 - 6.47- 6.52 am.

**************************************************

ଗଛ୍ ଲଗା      ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍ ଦିନ୍ ଅବ୍‌ସରେ ରାଜ୍ୟ ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ବିଭାଗ୍ ତର୍‌ଫୁ ଆଏବା ୧୭ ତାରିଖ୍ ରାଏଜେ ୭୫ ଲାଖ୍ ଗଛ୍ ଜଗାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଏକ୍ ପେଡ୍ ମା କେ ନାମ୍ ର ଦୁଇ ନମ୍ବର୍ ଖେପେ ମା'ମାନ୍‌କୁ ସମ୍ମାନ୍ ଜନେଇକରି ଗୁଟେ ଲେଖା ଗଛ୍ ଲଗାବାର୍‌କେ ରାଜ୍ୟବାସୀଙ୍କୁ କହିଛନ୍ । ଇଟା ପ୍ରଧାନ୍‌ମନ୍ତ୍ରୀଙ୍କୁ ରାଜ୍ୟବାସୀଙ୍କର୍ ତର୍‌ଫୁ ଉପହାର୍ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ବାବ୍‌ଦେ ଗୁଟେ ବାର୍ତାଥି ମୁଖ୍ୟମନ୍ତ୍ରୀ କହିଛନ୍, ଦୁନିଆର୍ ସବୁନୁ ବଡ୍ ଆଶିର୍ବାଦ୍ ହେଉଛେ ମା' । ମା ବାଗିର୍ ଧରିତ୍ରୀ ମା'ର୍ ସୁରକ୍ଷା ଆଉ ସମ୍ମାନ୍ ଉଦ୍ଦେଶ୍ୟଥି ପ୍ରଧାନ୍‌ମନ୍ତ୍ରୀଙ୍କର୍ ପରିକଳ୍ପନା ଏକ୍ ପେଡ୍ ମା କେ ନାମ୍ ଅଭିଯାନ୍ ଇତାର୍ ଗୁଟେ ବର୍‌କସ୍ ଉଦାହରଣ୍ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍      ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ୩୦ ଟା ଜିଲ୍ଲା ନ ଗଲାକାଏଲ୍ ୩ ନମ୍ବର୍ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ହେଇଯାଇଛେ । ଇ ବଛର୍ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍‌ଥି ୩ ଲାଖ୍ ୬ ହଜାର୍ ୬ ଶହ ୯୫ ଟା ମାମ୍‌ଲାର୍ ଫଏସଲା କରାଯାଇକରି ଜରିମାନା ଆଉ କ୍ଷତିପୂରଣ୍ ବାବ୍‌ଦେ ୨ ଶହ ୬୫ କୋଟି ୨୬ ଲାଖ୍ ୯୫ ହଜାର୍ ୭ ଶହ ୩୯ ଟଙ୍କା ଆଦାୟ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ହେଇଥିବା ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍‌ଥି ବିଚାରାଧୀନ୍ ଆଉ ପ୍ରାକ୍ ମକଦ୍ଦମା ସ୍ତରୀୟ ସମାଧାନ୍ ଲାଗି ଥିବା ମାମ୍‌ଲା ମାନ୍‌କର୍ ଫଏସଲା କରାଯାଇଛେ ।

ପୁଲିସ୍ ହେଣ୍ଡ୍‌ବଲ୍ ଚମ୍ପିଆନ୍‌ସିପ I&PR

କେନ୍ଦୁଝର୍‌ଠାନେ ଚାଲିଥିବା ୭୮ ନମ୍ବର୍ ରାଜ୍ୟ ପୁଲିସ୍ ପୁରୁଷ କବାଡ଼ି ଚମ୍ପଆନ୍‌ସିପ୍ ଆଉ ୧୦ ନମ୍ବର୍ ପୁଲିସ୍ ହେଣ୍ଡ୍‌ବଲ୍ ଚମ୍ପିଆନ୍‌ସିପ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ରାଜ୍ୟ ପୁଲିସ୍ ବଳଥି ଏନ୍ତା କ୍ରୀଡ଼ା ପ୍ରତିଯୋଗିତା ସୁସ୍ଥ, ଶୃଙ୍ଖଳିତ୍ ଆଉ ପ୍ରେରଣାଦାୟକ୍ ପରିବେଶ୍ ଗଠନ୍ କରୁଛେ ବଲି କହିଛନ୍ । କବାଡ଼ି ଚମ୍ପିଆନ୍‌ସିପ୍‌ଥି ରାଉର୍‌କେଲାକେ ହରେଇକରି କଟକ୍ ଦଲ୍ ଜିତିଥିବାର୍ ବେଳେ

ହେଣ୍ଡ୍‌ବଲ୍ ଚମ୍ପିଅନ୍‌ସିପ୍‌ରେ କେନ୍ଦୁଝର୍‌କେ ହରେଇକରି ଢେଙ୍କାନାଲ୍ ଦଲ୍ ଜିତିଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା କାଏଲ୍ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଅନିବାର୍ଯ୍ୟ କାରଣ୍ ଲାଗି ନାଇଁ ହୁଏ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପରିଚାଲନା ପରିଷଦ୍ ବୈଠକ୍ I&PR

ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାରେ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ଓଡ଼ିଶା କମ୍ୟୁନିଟି ଟେଙ୍କ୍ ବିକାଶ୍ ଆଉ ପରିଚାଲନା କମିଟିର୍ ୧୨ ନମ୍ବର୍ ପରିଚାଲନା ପରିଷଦ୍ ବୈଠକ୍ ହେଇଯାଇଛେ । ବୈଠକ୍‌ରେ ଭିନ୍ ଭିନ୍ ଫସଲ୍ ଲାଗି ପାଏନ୍‌ର ବଂଟନ୍, ପରିଚାଲନା, ଯାନ୍ତ୍ରିକ୍ ବେଭାର୍ ମାଧ୍ୟମ୍‌ରେ ସିଧାସଲଖ୍ ଜମିନ୍‌ରେ ବିହନ୍ ବୁନ୍‌ବାର୍, ସବୁଜ ସାର୍ ବନାବାର୍, ଧାନ୍

ଚାଷ୍ ସହେତେ ମାଛ୍ ଚାଷ୍ ବାଗିର୍ ଭିନ୍ ଭିନ୍ ବିଷେଥି ଆଲୋଚନା କରାଯାଇଥିଲା । ବୈଠକ୍‌ଥି ବିଭାଗୀୟ କମିଶନର୍ ଆଉ ମୁଖ୍ୟ ଶାସନ୍ ସଚିବ ମାନେ ଉପସ୍ଥିତ୍ ରହିକରି ଆଲୋଚନାଥି ଭାଗ୍ ନେଇଥିଲେ ।

ଭୀମ୍‌ସାର୍-କାର୍ଡ଼ିଓଲୋଜି ବିଭାଗ୍ ପିଜି   ସମ୍ବଲପୁର ସମ୍ବାଦଦାତା

ଆଏବା ଶିକ୍ଷା ବଛର୍‌ନୁ ବୁର୍ଲା ଭୀମ୍‌ସାର୍ ନ କାର୍ଡ଼ିଓଲୋଜି ବିଭାଗ୍‌ଥି ପିଜି ପାଠ୍ୟକ୍ରମ୍ ମୁଲ୍ ହେବା । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଆଉ କମିଶନର୍‌ଙ୍କର୍ ସହେତେ ଆଲୋଚନା କରିକରି ଅନୁମତି ମଗାଯିବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସମ୍ବଲ୍‌ପୁରେ ହେଇଥିବା କାର୍ଡ଼ିଓଲୋଜି ସୋସାଇଟି ଅଫ୍ ଇଣ୍ଡିଆର ବାର୍ଷିକ୍ ଉତ୍ସବ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଇ ଘୋଷ୍‌ନା କରିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ସେନ୍ତା ସିବିଏସ୍‌ଇର ସବୁ ବିଦ୍ୟାଳୟମାନ୍‌କେ ସୁଗର୍ ବୋର୍ଡ଼ ଲଗାଯାଇକରି କେତେ ପରିମାଣ୍‌ର ମିଠା, ଚିନି ଆଉ ତେଲିଆ ଖାଦ୍ୟ ଛାତ୍ରଛାତ୍ରୀମାନେ ଖାଏବେ ସେ ବାବ୍‌ଦେ ସଚେତନ୍ କରାଯିବା । ଇତାକେ ନିୟନ୍ତ୍ରଣ୍ କର୍‌ବାର୍ ଉପ୍‌ରେ ଆମ୍‌କୁ ସମ୍‌କୁ ଧ୍ୟାନ୍ ଦେବାର୍‌କେ ପଡ଼୍‌ବା ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ପୁଓଜିଉଁତିଆ       ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ପବିତ୍ର ମୂଳାଷ୍ଟମୀଥି ପଶ୍ଚିମ ଓଡ଼ିଶାର୍ ମା ମାନେ ପୁଓଜିଉଁତିଆ ପାଲନ୍ କରୁଛନ୍ । ପୁଓ ମାନ୍‌କର୍ ମଙ୍ଗଲ୍‌କାମ୍‌ନା କରିକରି ମା ମାନେ ଇ ଉପାସ୍ କରୁଛନ୍ । ମା ମାନେ ନିର୍ଜଳା ଉପାସ୍ ରହିକରି ଦୁତିବାହନ ଆର୍ ଷଠୀ ମା ଙ୍କର୍ ପୂଜା କର୍‌ସନ୍ । ଗାଁ ଆର୍ ପଡ଼ା ମାନ୍‌କର୍ ଛକ୍ ଜାଗା ମାନ୍‌କେ ଇ ପୂଜାର୍ ଲାଗି ବେଦୀ ମାନ୍ ତିଆର୍ କରାଯାଇକରି ପୂଜା କରାଯାଏସି । ଆଏବା କାଏଲ୍ ସଖାଲେ ମା' ମାନେ ଘରେ ପୁଓ ମାନ୍‌କୁ ଶହେ ୮ ଦୁବ, ଚାଉଲ୍‌ଥି ବନ୍ଦେଇକରି ଜୁଁତିଆ ପିନ୍ଧାବେ ।

ସେଆଡ଼େ ସମ୍ବଲ୍‌ପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କର୍ ପୀଠ ନ ଶାରଦୀୟ ଦଶ୍‌ହରା ଲାଗି ମୁଳାଷ୍ଟମୀ ତିଥି ନ ଆଏଜ୍ ଠାନୁ ୧୬ ଦିନିଆ ପୂଜା ମୁଲ୍ ହେଉଛେ ।

ପାଣିପାଗ୍     ଆର୍‌ଏନ୍‌ୟୁ ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ଇଲାକା ଆଉ ତାର୍ ପାଖର୍ ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଉତର୍ ଆନ୍ଧ୍ରପ୍ରଦେଶ୍ ଆଉ ଦକ୍ଷିଣ ଓଡ଼ିଶା ସମୁଦ୍ର

ଖଁଡ଼ି ନ ଗୁଟେ ଲଘୁଚାପ୍ କ୍ଷେତ୍ର ବନିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୭ ଦିନ୍ ତକ୍ ରାଏଜେ ହାଲ୍‌କା ନୁ ମଧ୍ୟମ୍ ଧରଣ୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର  ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।